# କମ୍ ସେବାୟତରେ ହେବ ସ୍ନାନଯାତ୍ରା

**ପୁରୀ,୨୧।୫/ଏନ୍‌ଏନ୍‌ଏସ୍:**



କରୋନା ସଂକ୍ରମଣ ଦୃଷ୍ଟିରୁ ସର୍ବନିମ୍ନ ସଂଖ୍ୟକ ସେବାୟତଙ୍କୁ ନେଇ ସମ୍ପନ୍ନ ହେବ ମହାପ୍ରଭୁଙ୍କ ସ୍ନାନଯାତ୍ରା। ବିଭିନ୍ନ ସେବାୟତ ନିଯୋଗ ଶ୍ରୀମନ୍ଦିର ପ୍ରଶାସନକୁ ସେବାୟତଙ୍କ ତାଲିକା ପ୍ରଦାନ କରିବେ। ମନ୍ଦିର ବାହାରେ କୌଣସି ଧାର୍ମିକ ନୀତିକାନ୍ତି ସମ୍ପାଦନ ଓ ଜନସମାଗମ ଉପରେ କଟକଣାକୁ ଦୃଷ୍ଟିରେ ରଖି ଯାହା କିଛି କାର୍ଯ୍ୟ କରାଯିବ। କରୋନା କଟକଣା ମଧ୍ୟରେ ଗୁରୁବାର ଦିନ ଆଗାମୀ ସ୍ନାନଯାତ୍ରା ସମ୍ପର୍କରେ ଏକ ବୈଠକ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପୂଜାପଣ୍ଡା, ପୁଷ୍ପାଳକ, ପ୍ରତିହାରୀ, ଗରାବଡୁ, ମହାଜନ, ସୁଆରବଡୁ, ପତ୍ରିବଡୁ, ମେକାପ ଓ ସୁଆର ଆଦି ୧୦ଟି ନିଯୋଗର ପ୍ରତିନିଧିମାନେ ଯୋଗ ଦେଇଥିଲେ। ସ୍ନାନ ପୂର୍ଣ୍ଣମୀ କିପରି ପାଳନ କରାଯିବ ସେ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ପ୍ରଶାସକ କ୍ରିଷନ କୁମାର ପ୍ରକାଶ କରିଥିଲେ ଯେ ଯେତେ କମ୍ ସଂଖ୍ୟକ ସେବାୟତଙ୍କୁ ନେଇ ମହାପ୍ରଭୁଙ୍କ ନୀତି ସମ୍ପାଦନ ହୋଇପାରିବ ସେ ବିଷୟରେ ଆଲୋଚନା କରାଯାଇଛି। ଏଥିପାଇଁ ସେବାୟତମାନଙ୍କର ତାଲିକା ପ୍ରସ୍ତୁତ କରାଯିବ। ତାଲିକା ଅନୁଯାୟୀ ସ୍ନାନ ପୂର୍ଣ୍ଣିମା ଦିନ ସମ୍ପୃକ୍ତ ସେବକମାନେ ମନ୍ଦିରକୁ ଯାଇ ନୀତି ସମ୍ପାଦନ କରିବେ। ଏହା ମଧ୍ୟରେ ଶୀତଳଷଷ୍ଠୀ, ଚମ୍ପକ ଦ୍ୱାଦଶୀ ଭଳି ଛୋଟ ଛୋଟ ପର୍ବପର୍ବାଣୀ ରହିଛି। ତାହା କିପରି ପାଳନ କରାଯିବ ସେ ବିଷୟରେ ଆଲୋଚନା କ୍ରମେ ନିଷ୍ପତ୍ତି ନିଆଯିବ। ମନ୍ଦିର ବାହାରେ ନୀତି ସମ୍ପାଦନ ଓ ଜନସମାଗମ ଉପରେ କଟକଣା ଥିବାରୁ

▶▶ ୭

ନିତିଦିନ NITIDIN Fri, May 22, 2020
http://odishanewsnitidin.com